# NATIONAL NEWS BULLETIN (ODIA)
## 30 December - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ବଜେଟ୍ ପ୍ରସ୍ତୁତି ନେଇ ନୀତିଆୟୋଗର ଅର୍ଥନୀତିଜ୍ଞଙ୍କ ସହ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ।
- ୨୦୨୫କୁ ଭାରତର ସଂସ୍କାର ବର୍ଷ ଭାବେ ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ଜମି ଯୋଗାଇଦେବାକୁ ପ୍ରାଥମିକତା ଦେଉଛନ୍ତି ରାଜ୍ୟ ସରକାର ବୋଲି ଅଭିଯୋଗ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଆସନ୍ତାକାଲି ହେବ ଅନ୍ତିମ ସଂସ୍କାର ।

– ଯୋଗଦେବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଥିରୁବନନ୍ତପୁରମ୍‌ଠାରେ ଭାରତ-ଶ୍ରୀଲଙ୍କା ପଞ୍ଚମ ମହିଳା ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ଜାରି ।

# ପିଏମ୍-ଇକୋନମିଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୀତିଆୟୋଗର ଏକ ବୈଠକରେ ଅଧ୍ୟକ୍ଷତା କରିବା ସହ ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ କ୍ଷେତ୍ରୀୟ ବିଶେଷଜ୍ଞଙ୍କ ସହ ଆଲୋଚନା କରିଛନ୍ତି । ଆସନ୍ତା ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ପୂର୍ବରୁ ଶ୍ରୀ ମୋଦୀ ସେମାନଙ୍କର ମତାମତ ଏବଂ ପରାମର୍ଶ ଲୋଡ଼ିଛନ୍ତି ।

ଦେଶର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ଏବଂ ଭବିଷ୍ୟତର ପ୍ରାଥମିକତା ଉପରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତ ଉପସ୍ଥାପନ କ୍ଷେତ୍ରରେ ଏହି ବୈଠକ ଏକ ମଞ୍ଚ ଭାବେ କାର୍ଯ୍ୟ କରିଛି । ବୈଠକରେ ଅଭିବୃଦ୍ଧିକୁ ସମର୍ଥନ କରିବା, ସାମଗ୍ରୀକ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ସମାଧାନ କରିବା ପାଇଁ ଅଧିକ ସଂସ୍କାରର ଆବଶ୍ୟକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି । ସରକାର ଆର୍ଥିକ ଯୋଜନାର ପରବର୍ତ୍ତି ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ନୀତିଆୟୋଗର ଆଲୋଚନା ସମ୍ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିବା କୁହାଯାଉଛି ।

# ଅମିତ ଶାହା–କୋଲକାତା

ସୀମାରେ ସୁରକ୍ଷାବାଡ଼ ଦେବା ଅପେକ୍ଷା ଅନୁପ୍ରବେଶକାରୀଙ୍କୁ ଜମି ଯୋଗାଇଦେବାକୁ ପଶ୍ଚିମବଙ୍ଗ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା କହିଛନ୍ତି । କୋଲକାତାଠାରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପୋର୍ଟ୍‌ବ୍ଲେୟାର୍ ଆଜାଦ୍ ହିନ୍ଦ୍ ପତାକା ଉତ୍ତୋଳନର ୮୦ତମ ବାର୍ଷିକୀ ପାଳନ ସମାରୋହକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ବେଆଇନ୍ ଅର୍ଥ ସଂଗ୍ରହ, କଟକଣା ଏବଂ ସାମ୍ପ୍ରଦାୟିକ ତୁଷ୍ଟିକରଣ ଯୋଗୁଁ ରାଜ୍ୟରେ ବିକାଶ ବାଧାପ୍ରାପ୍ତ ହୋଇଛି । ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷା ତଥା ନିମ୍ନଗାମୀ ଶିଳ୍ପ ବିକାଶ ନେଇ ଶ୍ରୀ ଶାହା ଚିନ୍ତାପ୍ରକଟ କରିଛନ୍ତି । ରାଜ୍ୟର ହୃତଗୌରବ ଫେରାଇ ଆଣିବା ସହ ମହାନ ଜନନାୟକଙ୍କ ସ୍ୱପ୍ନ ପୂରଣ ପାଇଁ ବିଜେପିକୁ ପଶ୍ଚିମବଙ୍ଗରେ କ୍ଷମତାକୁ ଆଣିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O-1-AMIT-SHAH--INFILTRATION**

ତୃଣମୂଳ କଂଗ୍ରେସ ସରକାରଙ୍କ କୁ-ଶାସନ, ଦୁର୍ନୀତି ପରିବର୍ତ୍ତିତ ହୋଇ ସୁ-ଶାସନ ଓ ଗରିବଙ୍କ କଲ୍ୟାଣ ଉପରେ କେନ୍ଦ୍ରୀଭୂତ ହେବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ପିଏମ୍-ରିଫର୍ମ୍ ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବେ 'ସଂସ୍କାର ଏକ୍ସପ୍ରେସ୍'ରେ ପ୍ରବେଶ କରିଛି । ବିଶେଷ କରି ବିଶ୍ୱ ଦୃଷ୍ଟିକୋଣର କେନ୍ଦ୍ର ଭାବେ ଏହା ଉଭା ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଦତ୍ତ ଏକ ପ୍ରବନ୍ଧ ଉପରେ ମତ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ପରବର୍ତ୍ତି ପିଢ଼ିର ସଂସ୍କାର ସହିତ ତ୍ୱରାନ୍ୱିତ ହୋଇଥିବା ପ୍ରଗତିର ଧାରାକୁ ସମଗ୍ର ବିଶ୍ୱ ବେଶ୍ ପ୍ରଶଂସା କରୁଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ସଂସ୍କାର ଏକ୍ସପ୍ରେସ୍'ର ପ୍ରାଥମିକ ଇଞ୍ଜିନ୍ ହେଉଛି, ଭାରତର ଜନସଂଖ୍ୟା, ଏହାର ଯୁବପିଢ଼ି ଏବଂ ଦେଶବାସୀଙ୍କ ଦୃଢ଼ ମନୋଭାବ ।

ଶ୍ରୀ ମୋଦୀ କହିଛନ୍ତି, ୨୦୨୫କୁ ଭାରତ ପାଇଁ ସଂସ୍କାରର ବର୍ଷ ଭାବେ ମନେ ରଖାଯିବ, କାରଣ ଏହା ବିଭିନ୍ନ କ୍ଷେତ୍ରରେ ପଥପ୍ରଦର୍ଶକ ପରିବର୍ତ୍ତନ ଦେଖିଛି, ଯାହା ଦେଶର ଅଭିବୃଦ୍ଧିର ଯାତ୍ରାକୁ ନିର୍ଣ୍ଣାୟକ ଗତି ଦେଇଛି । ସେ କହିଛନ୍ତି, ସରକାର ବିଭିନ୍ନ ସଂସ୍ଥାଗୁଡ଼ିକୁ ଆଧୁନିକୀକରଣ କରିଛନ୍ତି, ଶାସନକୁ ସରଳୀକୃତ କରିଛନ୍ତି ଏବଂ ଦୀର୍ଘକାଳୀନ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧିର ମୂଳଦୁଆକୁ ମଧ୍ୟ ମଜବୁତ କରିଛି । ବିଶେଷ କରି ସଂସ୍କାରର ବ୍ୟାପକତା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଶ୍ରମ ଆଇନ୍ ଏବଂ ବାଣିଜ୍ୟ ଚୁକ୍ତିନାମାଠାରୁ ଆରମ୍ଭ କରି ଲଜିଷ୍ଟିକ୍ସ, ଶକ୍ତି ଏବଂ ବଜାର ସଂସ୍କାର ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧି କାହାଣୀର ବିଶ୍ୱାସନିୟତା, ସ୍ଥିରତା ଏବଂ ଦୀର୍ଘକାଳୀନ ଆତ୍ମବିଶ୍ୱାସ

ଉପରେ ଦୃଢ଼ ଭାବରେ ନିର୍ମିତ ହେଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପଗୁଡ଼ିକ ୨୦୪୭ ବିକଶିତ ଭାରତ ଗଠନରେ ଦେଶର ପ୍ରୟାସକୁ ମଧ୍ୟ ସୁଦୃଢ଼ କରିବ ।

## ବାଂଲାଦେଶ-ଖାଲିଦାଜିଆ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲଶଦେଶ ନ୍ୟାସନାଲିଷ୍ଟ ପାର୍ଟି ବି.ଏନ୍.ପି. ଅଧ୍ୟକ୍ଷ ଖାଲେଦା ଜିଆଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ସେଠାରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ନମାଜ-ଏ-ଜନାଜା ପରିପ୍ରେକ୍ଷୀରେ ଆସନ୍ତାକାଲିକୁ ଛୁଟି ଦିବସ ଭାବେ ଘୋଷଣା କରିଛନ୍ତି । ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍ ଆଜି ଏ ସମ୍ପର୍କରେ ଘୋଷଣା କରିଛନ୍ତି । ଶୋକ ପାଳନ ତଥା ଅନ୍ତିମ ସଂସ୍କାର ସମୟରେ ଶୃଙ୍ଖଳା ଓ ଧୈର୍ଯ୍ୟ ବଜାୟ ରଖିବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ଖାଲେଦା ଜିଆଙ୍କ ଅନ୍ତିମ ସଂସ୍କାର ଆସନ୍ତାକାଲି ଜାତୀୟ ସଂସଦର ଦକ୍ଷିଣ ପ୍ଲାଜା ଓ ତତ୍ସଲଗ୍ନ ଢାକାର ମାଣିକ୍‌ମିଆଁ ଆଭେନ୍ୟୁଠାରେ ଅନୁଷ୍ଠିତ ହେବ । ତାଙ୍କ ସ୍ୱାମୀ ପୂର୍ବତନ ରାଷ୍ଟ୍ରପତି ଜିଆଉର୍ ରହେମାନ୍‌ଙ୍କ କବର ପାଖରେ ତାଙ୍କୁ କବର ଦିଆଯିବାର ନିଷ୍ପତ୍ତି ହୋଇଛି ।

ବାଂଲାଦେଶର ପରାମର୍ଶଦାତା ପରିଷଦ ଖାଲେଦା ଜିଆଙ୍କ ମୃତ୍ୟୁରେ ଶୋକପ୍ରସ୍ତାବ ଗ୍ରହଣ କରିଥିବା ବେଳେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଛି । ଦେଶର ବିଭିନ୍ନ ରାଜନୈତିକ ନେତା ଏବଂ ସଂଗଠନଗୁଡ଼ିକ ଖାଲେଦା ଜିଆଙ୍କ ଦୀର୍ଘ ରାଜନୈତିକ ଜୀବନ ଏବଂ ବାଂଲାଦେଶର ଗଣତାନ୍ତ୍ରିକ ଆନ୍ଦୋଳନରେ ତାଙ୍କ ଭୂମିକାକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଖାଲେଦା ଜିଆଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଆସନ୍ତାକାଲି ବାଂଲାଦେଶ ଗସ୍ତରେ ଯିବେ । ସେ ସେଠାରେ ଭାରତ ସରକାର ଏବଂ ଭାରତବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ଢାକାର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଖାଲେଦା ଜିଆଙ୍କର ୮୦ ବର୍ଷ ବୟସରେ ଆଜି ପରଲୋକ ହୋଇଛି ।

# ୟୁକ୍ରେନ୍-ପୁଟିନ୍ ରେସିଡେନ୍ସି ଆଟାକ୍

ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଆଜି ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ବାସଭବନ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ ମସ୍କୋର ଏହି ଘଟଣାକୁ ମନଗଢ଼ା ଏବଂ ଭୁଲ ସୂଚନା ପ୍ରସାରଣ ବୋଲି ଅଭିଯୋଗ କରିଛନ୍ତି । ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭ୍‌ରଭ୍‌ଙ୍କ ଏହି ଆକ୍ରମଣ ସମ୍ପର୍କୀତ ବିବୃତ୍ତି

ପରିପ୍ରେକ୍ଷୀରେ ସିବିହାଙ୍କ ପକ୍ଷରୁ ଏହି ମନ୍ତବ୍ୟ ପ୍ରଦାନ କରାଯାଇଛି । ରୁଷର ବୈଦେଶିକ ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ ସମସ୍ତ ଡ୍ରୋନ୍‌କୁ ସଫଳତାର ସହ ଅବରୋଧ କରାଯାଇ ଧ୍ୱଂସ କରାଯାଇଛି । ଏହି ଘଟଣାରେ କେହି ମୃତାହତ କିମ୍ବା ସମ୍ପତ୍ତିର କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ମିଳିନାହିଁ ।

# ପିଏମ୍-ଯୁବା ୩.୦ ରେଜଲ୍ଟସ୍

ଶିକ୍ଷା ମନ୍ତ୍ରଣାଳୟ, ଯୁବ ଲେଖକମାନଙ୍କ ପରାମର୍ଶ ପାଇଁ ପ୍ରଧାନମନ୍ତ୍ରୀ ଯୋଜନା, ପି.ଏମ୍.-ଯୁବା **3.0** ଅନ୍ତର୍ଗତ ପ୍ରତିଯୋଗିତାର ଫଳାଫଳ ଘୋଷଣା କରିଛି । ଏହି ସଂସ୍କରଣ ଅଧୀନରେ ୨୨ଟି ଭାରତୀୟ ଭାଷା ଏବଂ ଇଂରାଜୀରେ ୪୩ଟି ପୁସ୍ତକ ପ୍ରସ୍ତାବକୁ ଚୟନ କରାଯାଇଛି । ବିଶିଷ୍ଟ ବିଦ୍ୱାନମାନଙ୍କ ଦୀର୍ଘ ୬ ମାସର ପରାମର୍ଶ କ୍ରମେ ମନୋନୀତ ପ୍ରସ୍ତାବଗୁଡ଼ିକୁ ପୁସ୍ତକ ଆକାରରେ ବିକଶିତ କରାଯିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ପ୍ରତ୍ୟେକ ମନୋନୀତ ଲେଖକଙ୍କୁ ପ୍ରତି ମାସରେ ୫୦ ହଜାର ଟଙ୍କାର ସ୍କଲାର୍‌ସିପ୍ ଏବଂ ସେମାନଙ୍କ ପ୍ରକାଶିତ ପୁସ୍ତକ ଉପରେ ୧୦ ପ୍ରତିଶତ ଜୀବନବ୍ୟାପି ରୟାଲ୍‌ଟି ମିଳିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ପିଏମ୍-ଯୁବା **3.0** ଅନ୍ତର୍ଗତ ପୁସ୍ତକର ପ୍ରଥମ ସେଟ୍ ଆସନ୍ତାବର୍ଷ ପ୍ରକାଶ ପାଇବ । ଏହାର ଉଦ୍ଦେଶ୍ୟ ହେଉଛି ଭାରତ ଏବଂ ବିଦେଶରେ

ଦେଶର ସାହିତ୍ୟ ଏବଂ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରିବା ସହ ନୂତନ ପିଢ଼ିର ଲେଖକମାନଙ୍କୁ ମାର୍ଗଦର୍ଶନ କରିବା ।

## ଜିତେନ୍ଦ୍ର-ଇଅର୍ ଏଣ୍ଡ ପିସି

କର୍ମଚାରୀ, ସାଧାରଣ ଅଭିଯୋଗ ଏବଂ ପେନସନ୍ ରାଜ୍ୟମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ୨୦୨୫ ବର୍ଷକୁ ଶାସନ ସଂସ୍କାର ପାଇଁ ଉତ୍ସର୍ଗ କରିଛନ୍ତି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି, ଜୀବନଧାରଣର ମାନ ସହ କାର୍ଯ୍ୟ କରିବାର ମାର୍ଗକୁ ସହଜ ଓ ସୁନିଶ୍ଚିତ କରିବା । ନୂଆଦିଲ୍ଲୀରେ ଆଜି ବର୍ଷ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଜୀବନଧାରଣ ମାନକୁ ସହଜ କରିବାରେ  ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ  । ରୋଜଗାର ମେଳା ଏବଂ କେନ୍ଦ୍ରୀୟ ସାଧାରଣ ଅଭିଯୋଗ ଓ ସମାଧାନ ଏବଂ ତଦାରଖ ବ୍ୟବସ୍ଥା ସମେତ ବିଭାଗର ପ୍ରମୁଖ ପଦକ୍ଷେପ ଉପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହ ଆଲୋକପାତ କରିଛନ୍ତି ।

ଏହି ଅବସରରେ କର୍ମଚାରୀ ଏବଂ ତାଲିମ୍ ବିଭାଗର ସଚିବ ରଚନା ଶାହା କହିଛନ୍ତି, ୨୦୨୪ରେ ତିନୋଟି ଜାତୀୟ ରୋଜଗାର ମେଳାର ଆୟୋଜନ କରାଯାଇଥିଲା । ଏହି ସମୟରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ପ୍ରାୟ ଦେଢ଼ ଲକ୍ଷ ନିଯୁକ୍ତିପତ୍ର ଆବଣ୍ଟନ କରାଯାଇଥିଲା ।

## ଗର୍‌ମେଣ୍ଟ-ଏଗ୍ରିମେଣ୍ଟ ମାରାଇନ୍

ଇଣ୍ଡୋ-କାନାଡ଼ା ସହଯୋଗୀ ଶିଳ୍ପ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଗୋଆର ଏକ ଘରୋଇ ସାମୁଦ୍ରିକ କମ୍ପାନୀ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି, **VACE** ଦ୍ୱାରା ସ୍ମାର୍ଟ୍ ସାଗର ପ୍ରକଳ୍ପ ଶୀର୍ଷକ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ୨୦ଜଣ ଯାତ୍ରୀ ବିଶିଷ୍ଟ ବୈଦ୍ୟୁତିକ ଡଙ୍ଗାର ବିକାଶ ଓ ପ୍ରଚଳନ କରିବା ହେଉଛି, ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଦେଶରେ ପରିବେଶ ଅନୁକୂଳ ଜଳପଥର ବ୍ୟାପକ ପଦକ୍ଷେପକୁ ଏହି ଚୁକ୍ତିନାମା ସହଯୋଗ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଜୀବାସ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହ ପର୍ଯ୍ୟଟନ ବିକାଶ ମଧ୍ୟ ତ୍ୱରାନ୍ୱିତ ହେବ । ଉପକୂଳ ଜଳ ପରିବହନ ପାଇଁ ଏଭଳି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା ଆଧାରିତ ମଞ୍ଚ ପ୍ରଦାନ କରିବାକୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

## କ୍ରିକେଟ୍

ଥିରୁବନନ୍ତପୁରମ୍‌ଠାରେ ଚାଲିଥିବା ଭାରତ-ଶ୍ରୀଲଙ୍କା ମହିଳା ଟି-ଟ୍ୱେଣ୍ଟି ଚଳିତ ସିରିଜର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଶ୍ରୀଲଙ୍କା ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୩ ଓଭରରେ ୧ ଓ୍ୱିକେଟ୍ ହରାଇ ୧୬ ରନ୍ ସଂଗ୍ରହ

କରିଛି । ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ପ୍ରଥମ ୪ଟି ଯାକ ମ୍ୟାଚ୍ ଜିତି ୪-୦ରେ ଆଗୁଆ ରହିଛି ।